ଓଡିଆ ସମାଜ କଣ ?

ଡକ୍ଟର୍ ଦେବସ୍ମିତ ମିଶ୍ର
ଫେୟାର୍‌ବ୍ୟାଙ୍କ୍ସ୍, ଆଲାସ୍କା, ଯୁକ୍ତରାଷ୍ଟ୍ର ଆମେରିକା

ଓଡିଆ ସମାଜ ଏକ ଆନ୍ତର୍ଜାତିକ ସମାଜ ବା ଅନୁଷ୍ଠାନ । ମାର୍ଚ୍ଚ ୨୪, ୨୦୦୧ ରେ ଜନ୍ମ ନେଇ, ଆଜି ଏହି ସମାଜ ଦ୍ରୁତ ଗତିରେ ବୃଦ୍ଧି କରୁଛି । ଏହି ସମାଜର ଲକ୍ଷ୍ୟ ହେଉଛି :

୧/ ଯେ କେହି ଓଡିଶା ରାଜ୍ୟ ଏବଂ ଓଡିଆ ଭାଷାର ଶୁଭଚିନ୍ତକ, ତାଙ୍କୁ ଏହି ଅନୁଷ୍ଠାନ ଜରିଆରେ ଏକତ୍ରିତ କରିବା ।
୨/ ଏହି ଅନୁଷ୍ଠାନ କୁ ଏକ ସାମାଜିକ, ସାଂସ୍କୃତିକ, ଶିକ୍ଷାଗତ, ଲାଭ-ବିହୀନ, ଧର୍ମ ନିରପେକ୍ଷ, ଓ ରାଜନୀତି ନିରପେକ୍ଷ ଅନୁଷ୍ଠାନ ଭାବରେ ଗଢିବା ।
୩/ ସଭ୍ୟମାନଙ୍କ ଭିତରେ ଏକ ମୈତ୍ରୀ ଓ ପାରସ୍ପରିକ ସମ୍ମାନ ଜନିତ ବାତାବରଣ ସୃଷ୍ଟି କରି, ଗଣତନ୍ତ୍ର ନୀତି ଅବଲମ୍ବନ କରି ସମାଜକୁ ଦୃଢ କରିବା ।
୪/ ଓଡିଆ ଭାଷା, ସଂସ୍କୃତି, ଓ ଐତିହ୍ୟ କୁ ବଜାୟ ରଖିବା ଓ ପ୍ରସାରଣ କରିବା, ଯଥା ଯେ କୌଣସି ଦେଶରେ ଆମେ ରହୁ, ସେଠାରେ ଆମେ ଓଡିଆ ଭାବରେ ନିଜର ପରିଚୟ ଦେବା ଏବଂ ଓଡିଆ ଭାବରେ ଗର୍ବ ଅନୁଭବ କରିବା ।
୫/ ସଭ୍ୟ ମାନଙ୍କୁ ନିଃସ୍ୱାର୍ଥପର ଓ ମୈତ୍ରୀପୂର୍ଣ୍ଣ ପ୍ରତିଯୋଗିତା ଜରିଆରେ ଭବିଷ୍ୟତ ପାଇଁ ନେତୃତ୍ୱ ନେବାଲାଗି ସାହସ ଓ ଉଦ୍ଦୀପନା ସଂଯୋଗ କରିବା ।
୬/ ନିଜ ପାର୍ଶ୍ୱ ପଡିଶାରେ ଅନ୍ୟ ଓଡିଆ ମାନଙ୍କ ସହିତ ମୈତ୍ରୀ ଭାବ ସ୍ଥାପନ କରିବା, ପ୍ରମୁଖଭାବରେ ଦରକାରବେଳେ ସେମାନଙ୍କ ସାହାଯ୍ୟରେ ଆସିବା ।
୭/ ଅନୁଷ୍ଠାନ ଜରିଆରେ ଓଡିଶାରେ ଉନ୍ନତି ମୂଳକ କାର୍ଯ୍ୟ କରିବା ଏବଂ ଓଡିଶାର ଉନ୍ନତି ପଥରେ ଦୃଢ ସମ୍ବନ୍ଧ ସ୍ଥାପନ କରିବା ।

ଓଡିଆ ସମାଜ ବିଶ୍ୱବାସୀ ସମସ୍ତ ଓଡିଆଙ୍କୁ ଏହି ଅନୁଷ୍ଠାନରେ ଯୋଗଦାନ କରିବାକୁ ନିମନ୍ତ୍ରଣ କରୁଛି । ଓଡିଆ ସମାଜର ଆଭିମୁଖ୍ୟ ହେଲା :

The Odiya Samaja (OdiSA) is an organization of well wishers of Orissa. The society is a non-ethnic, secular and non-political forum. Friendship is the motto of the society. The objective of the society is to promote a friendly and respectful environment for its members. The society will actively promote the heritage, culture, language (Odiya), awareness and pride of the state of Orissa. The society will conduct its business in all fairness and abide by the laws of the country. The society will provide leadership opportunities to its members and help younger to understand, absorb and promote the pride of their heritage. Both Oriya and English will be the official language of the society. The society will work with the people of the state of Orissa in developing fellowship and providing a helping hand as and when needed. The members of the society vow to safeguard the ethics and values of the society and set a standard for excellence at all times.

ଉଠ ପ୍ରିୟ ଭ୍ରାତା ଉଠ ଗୋ ଭଗିନୀ ମାତୃଭୂମି ଦୁଃଖ ଦୀନତା ଯଶ ।
ବିନୀତ ଚିତ୍ତରେ ତବ ପୂତ ପଦେ ନିବେଦଇ କବି ପ୍ରାଣ-ଉଚ୍ଛ୍ୱାସ ॥ - ନନ୍ଦକିଶୋର

ଅପ୍ରେଲ୍ ୪, ୨୦୦୧ ରେ ଶ୍ରୀ ବିଷ୍ଣୁ ମିଶ୍ର ଏହି ସମାଜର ଏକ motto ପ୍ରସ୍ତାବ କରିଥିଲେ । ତାହା ହେଲା- One Team One Dream | ସମାଜର ସଭ୍ୟମାନେ ଏହି mottoକୁ ବିନା ଦ୍ୱିଧାରେ ଅବଲମ୍ବନ କରିଆସିଲେ ।

ଓଡିଆ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସର୍ବପ୍ରଥମ ହେଉଛି ଓଡିଶା ବିକାଶ ପ୍ରାରମ୍ଭିକୀ (ଓ.ବି.I.) । ଏହି initiative ଦ୍ୱାରା, ଓଡିଶାର ଉନ୍ନତି ପାଇଁ ପୁଞ୍ଜି ଏକତ୍ରିତ କରାଯାଉଛି । ଏହି ପୁଞ୍ଜିକୁ ଆମେରିକାର stock market ରେ invest କରାଯାଉଛି । ଏହି initiativeର ପ୍ରଶାସନ ଏବଂ ଅନ୍ୟ information ପାଇଁ http://www.odiya.org/OBI access କରନ୍ତୁ ।

ଓଡିଆ ସାହିତ୍ୟ ସଭା ହେଉଛି ଓଡିଆ ସମାଜର ଆଉ ଗୋଟାଏ ଅଙ୍ଗ । ଏହି ସଭାର ଉଦ୍ଦେଶ୍ୟ ହେଉଛି ପୁରାତନ ଓଡିଆ ସାହିତ୍ୟ ଏବଂ କବିତା ବିଷୟରେ ଆଲୋଚ୍ନା କରିବା ଏବଂ ତାହାକୁ ଅନ୍ୟମାନଙ୍କ ଉପଯୋଗ ପାଇଁ archive କରିବା । ଏହା ଛଡା, ନୂତନ ଲେଖକ ଓ କବିଙ୍କୁ ଉତ୍ସାହିତ କରି, ସେମାନଙ୍କର ଲେଖାକୁ ପ୍ରସାରିତ କରିବା । ଆପଣ ଯଦି ଏହି ସଭାରେ ଯୋଗଦାନ କରିବାକୁ ଚାହାନ୍ତି, ତେବେ odiasahityasabha@yahoogroups.com କୁ ଏକ e-mail ପଠାନ୍ତୁ । ଶ୍ରୀ ସତ୍ୟ ଦାଶଙ୍କ ନେତୃତ୍ୱରେ ଓଡିଆ ସମାଜ ଏକ electronic କବିତାକୋଷ ଏବଂ ଶବ୍ଦକୋଷ ପ୍ରକାଶ କରିଅଛି । ଓଡିଶା online ହେଉଛି ଶ୍ରୀ ବିଜୟ ମୋହନ ମିଶ୍ରଙ୍କ ସ୍ୱପ୍ନ । ଓଡିଶା ବିଷୟରେ ଯାହାକିଛି ସୂଚ୍ନା ଏକତ୍ରିତ ହୋଇପାରିବ, ତାହାକୁ ଏକ website ମାଧ୍ୟମରେ ସମଗ୍ର ବିଶ୍ୱବାସୀଙ୍କୁ ପ୍ରଚାରିତ କରାଯିବ । ଓଡିଆ ସମାଜ, ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଏକତ୍ରିତ ।

ଅତୀତରେ, ଓଡିଆ ସମାଜ କେତେଗୁଡିଏ ଉନ୍ନତିମୂଳକ କାର୍ଯ୍ୟରେ ଭାଗ ନେଇଥିଲା :

୧/ ଶ୍ରୀ ଧୃରେନ୍ଦ୍ର କରଙ୍କ ନେତୃତ୍ୱରେ ପଶ୍ଚିମ ଓଡିଶାରେ ଶ୍ରୀ ରାମକୃଷ୍ଣ ମିଶନ୍ ଜରିଆରେ ଏକ seed-bank କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।
୨/ ଯୋଗ ନାମକ ଏକ ଆମେରିକା-ବସିତ ଅନୁଷ୍ଠାନ ସହିତ ଯୋଗ ଦେଇ, ଓଡିଶାର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ବିଭିନ୍ନ ନୂତନ ବିଷୟବସ୍ତୁରେ refreshers ଶିକ୍ଷା ପ୍ରଦାନ କରାଯାଇଛି ।
୩/ ଆମେରିକାର ଓଡିଆ ସେବକ ଅନୁଷ୍ଠାନ ସହିତ ମିଶି ୨୦୦୧ ର ଓଡିଶାର ବନ୍ୟା ପ୍ରପୀଡିତ ବାସିନ୍ଦାମାନଙ୍କୁ ସାହାଯ୍ୟ ଯୋଗା ଯାଇଛି। ଏହି କାର୍ଯ୍ୟ ଶ୍ରୀ ଅହିମାଣିକ୍ୟ ଶତପଥୀ ଓ ଶ୍ରୀ ଧୃରେନ୍ଦ୍ର କରଙ୍କ ନେତୃତ୍ୱରେ ସମ୍ଭବ ହୋଇ ପାରିଛି ।
ଓଡିଆ ସମାଜର ପ୍ରଥମ ବନ୍ଧୁମିଳନ, ସେପ୍ଟେମ୍ବର୍ ୧-୨, ୨୦୦୧ ରେ କାନ୍‌ସାସ୍ ସିଟି, ଆମେରିକାରେ ହୋଇଥିଲା । ଏହି ମିଳନର ଆବାହକ ଥିଲେ, ଶ୍ରୀ ରମାବଲ୍ଲଭ ମହାପାତ୍ର ।୨୦୦୪ ରେ, ସମାଜର ଦ୍ୱିତୀୟ ବନ୍ଧୁମିଳନ ପାଇଁ ପ୍ରସ୍ତୁତି ଚାଲିଛି । ଆପଣମାନେ ବହୁମାତ୍ରା ରେ ଯୋଗଦାନ କରି, ଓଡିଆ ସମାଜକୁ ମଜ୍‌ବୁତ୍ କରିବେ ବୋଲି ଆମର ଆଶା ।

ଓଡିଆ ସମାଜର ଭବିଷ୍ୟତ କାର୍ଯ୍ୟକ୍ରମ ଓ ଆପଣମାନଙ୍କ ସହଯୋଗିତା ପାଇଁ myodisa list ରେ ଯୋଗଦାନ କରିବାକୁ ଆମର ଅନୁରୋଧ ।

ଗୋଟିଏ ଦଳରେ ଫୁଟିଉଠୁ ପ୍ରଭୁ କୋଟିଏ ସିଂହର ବଳ ।
କୋଟିଏ ସନ୍ତାନ ଗୋଟିଏ ସପନ ଜନନୀ ମା ଉତ୍କଳ ।। - **"One Team, One Dream"**ର ଭାବାର୍ଥ